
# ନଷ୍ଟନୀଡ଼



**ପ୍ରେ**ମର ଏକାନ୍ତ ପ୍ରତୀକ ଜହ୍ନ । ଅସଂଖ୍ୟ ତାରାମାନଙ୍କ ଗହଣରେ ଜହ୍ନର ପରିପ୍ରକାଶ ଯେପରି ସ୍ୱଚ୍ଛ ସେପରି ପ୍ରତିରୂପକ ମଧ୍ୟ । ଶରତର ନିର୍ମଳ ଆକାଶରେ ସେଦିନ ଦ୍ୱିତୀୟା ଜହ୍ନଟା ପଇଁତରା ମାରୁଥିବା ବେଳେ, ଶୈବାଳ ଘରର ଏକ ନିଭୃତ କୋଣରେ ବସି ବିଗତ ଦିନର ସ୍ମୃତି ମନ୍ଥନ କରୁଥିଲେ । ଦକ୍ଷିଣ ଦିଗରୁ ବହୁଥିବା ମଳୟର ସାହାନାଇ ଯେପରି ତାଙ୍କର ମନରେ କୌଣସି ରେଖାପାତ କରୁ ନଥିଲା । ସେ ସ୍ଥାଣୁ, ସେ ଅଥର୍ବ ସେ ଯେପରି ଏକ ଅଲୋଡ଼ା ବସ୍ତୁ, ଯାହାର କୌଣସି କର୍ତ୍ତୃତ୍ୱ ଚଳୁନାହିଁ ସେ ପରିବାରରେ ।

ଇପ୍‌ସିତା ତାଙ୍କର ସ୍ତ୍ରୀ । କଲେଜରେ ଜଣେ ଅଧ୍ୟାପିକା ଭାବେ ଜଏନ୍ କରିବା ପରଠାରୁ ଶୈବାଳଙ୍କ ଏ ଚରମ ପରିଣତି । ସେ ଚିନ୍ତା କରୁଥିଲେ "ବିନାଶ୍ରୟେ ନ ବର୍ତ୍ତନ୍ତେ କବିତା, ବନିତା, ଲତା ।" ଏ ଉକ୍ତି କେତେ ଅସଂଗତ, ସମ୍ଭାବନାହୀନ ଓ ମାନେହୀନ ଅଧୁନା ଅନୌପଚାରିକ ବିକାଶଶୀଳ ସମାଜରେ । ବରଂ ଆଜିର ସମାଜରେ "ବିନାଶ୍ରୟେ ନବର୍ତ୍ତନ୍ତେ କବିତା, ବନିତା, ଭର୍ତ୍ତା" ଅଧିକ ଉପରୋଚକ ହେବ ଏବଂ ସମ୍ମାନୀୟ ହେବ । ଶୈବାଳ ଭାବନା ରାଜ୍ୟରେ ଅବଗାହିବାର ମାନସିକତାରେ ବ୍ୟସ୍ତ ଥା'ନ୍ତି । ତାଙ୍କର ମନ ମୁକୁରରେ ପ୍ରତିଫଳିତ ହୋଇଯାଏ

ଇପ୍‌ସିତାଙ୍କ ସହିତ ତାଙ୍କର ବିବାହ ବେଳର ପ୍ରତିଶ୍ରୁତି କଥା । ଗୋଟିଏ ସୁନ୍ଦରୀ ବଧୂ ଭାବରେ ସେ ଏ ଘରେ ଗୋଡ଼ ଦେବାବେଳେ, ଶାଶୁ ତଥା ଗୁରୁଜନମାନେ ଆଶାବାଦୀ ଥିଲେ ଯେ, କଲେଜ ପଢୁଆ ବୋହୂ ତାଙ୍କର ସାଧାରଣ ତେଲଲୁଣ ସଂସାରକୁ ଅସାଧାରଣ ଆଡ଼କୁ ଟାଣିନେଇ ଯାଇପାରିବ । ଶୈବାଳ ପ୍ରଥମ ଦେଖାରେ ଇପ୍‌ସିତାଙ୍କୁ କହିଥିଲେ, ତମେ ମୋର ଗୋଲାପ ବାଟିକାର ଏକମାତ୍ର ସୁଗନ୍ଧିତ ଗୋଲାପ, ଯାହାର କଣ୍ଟାର ଆଘାତରେ ଯେପରି ମୁଁ କେବେ ବି ବିଦ୍ଧ ନ ହୁଏ । ଆମପରି ଗୋଟିଏ ମଧ୍ୟବିତ୍ତ ପରିବାରରେ ପରିଚାଳନାଗତ ତ୍ରୁଟି ରହିବା ବିଧେୟ ଏବଂ ସ୍ୱାଭାବିକ ମଧ୍ୟ । ହେଲେ ଇପ୍‌ସିତା ଯେଉଁଠାରେ ତୁମେ ଚିରଦିନ ଲାଗି ରହିବାର ପ୍ରତିଶ୍ରୁତି ନେଇ ଆସିଛ, ତାହାକୁ ଯେପରି ପଥପ୍ରାନ୍ତର ଏକ ପାଛିକାର ଜ୍ଞାନ ତମ ମନରେ ନ ରହେ । ସେଦିନ ଇପ୍‌ସିତା କହିଥିଲେ ମୋର ଏକାନ୍ତ ଭାବରେ ସ୍ୱାମୀଟିଏ ଦରକାର ଏବଂ ତୁମକୁ ପାଇ ମୁଁ ଆନନ୍ଦିତା ।

କିଛିଦିନ ପରେ ଶୈବାଳଙ୍କୁ ତାଙ୍କ ପରିବାରର ପରିଚାଳନାଗତ ପ୍ରଶ୍ନ କରି ବସନ୍ତି ଇପ୍‌ସିତା । ଏତେ ଅଭାବ ଅନାଟନ ଭିତରେ ସେ ଚଳିପାରିବେ ନାହିଁ ବରଂ ଚାକିରିଟିଏ ମିଳିଗଲେ ସବୁ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଯୁକ୍ତି ବାଢ଼ି ବସନ୍ତି; ଏବଂ ଗୋଟିଏ କଲେଜର ଅଧ୍ୟାପିକା ଭାବରେ ଜଏନ୍ କରନ୍ତି । ଶୈବାଳ, ଏମ୍.ଏ. ପଢୁଆ ଶୈବାଳ ଜଣେ କିରାଣୀ । ତାଙ୍କର ତେଲଲୁଣ ପରିବାରରେ ସରଳ ଜୀବନଯାପନର ଧାରା ବଜାୟ ରଖିବା ଅଭୀପ୍‌ସା; ମାତ୍ର ଇପ୍‌ସିତାଙ୍କର ଥିଲା ଆଭିଜାତ୍ୟପୂର୍ଣ୍ଣ ଚଳଣୀର ଅଭିଳାଷ । ଉଚ୍ଚ ମଧ୍ୟବିତ୍ତ ପରିବାରରେ ଲାଳିତାପାଳିତା ଇପ୍‌ସିତାଙ୍କର ଭାଗ୍ୟର ବିଡ଼ମ୍ବନା ଯେ ସେ ସଦାଚାରୀ, ସରଳ ଓ ଗୃହପାଳିତ ସ୍ୱାମୀ ପାଇଗଲେ ଯଦିଓ ସେ ଆଶା କରିଥିଲେ ଜଣେ ପ୍ରଭାବଶାଳୀ, ଆଭିଜାତ୍ୟ ସଂପନ୍ନ ସ୍ୱାମୀ ପାଇବା ପାଇଁ ।

ତା'ପରେ ଇପ୍‌ସିତା ଅଡ଼ିବସନ୍ତି ଯେ ଘରେ ସେ ରନ୍ଧାବଢ଼ା କରି ପାରିବେ ନାହିଁ । ମାତ୍ର କଲେଜ୍ ଯିବା ପୂର୍ବରୁ ରୋଷେଇବାସ ଶେଷ ହେବା ଉଚିତ । ବୟସ୍କା ମା', ପଢୁଆ ବୋହୂଙ୍କର ଚାଲିଚଳନ ସହିତ ସମ୍ମତି ପ୍ରକାଶ କରି ଶୈବାଳଙ୍କୁ କହନ୍ତି, ବାବା ! ମୁଁ ବସିବାକୁ ଭଲ ପାଏନା । ଗାଁରେ ବିଲ-ବାଡ଼ି, ବାଗ-ବଗିଚାର ଦେଖାଚାହାଁ ଯିଏ କରେ ଏ ଘରର କାମ ତା' ପାଇଁ କେତେ ? ଆରେ ଓଲୁ ! ମୋ' ଘର କାମ ମୁଁ କରିବିନି ତ ଆଉ କିଏ କରିବାର ଦେଖିବାରେ ମୋତେ କଣ ଭଲ ଲାଗିବ ? ଦିନେ

ଶୈବାଳ କହିଲେ, ଇପି ! ବୋଉ ଆମର ଗୁରୁଜନ । ତା'ର ହତାଦର ହେଲେ ଆମର ଆୟୁ ହାନି ହେବ । ତାକୁ ସାମାନ୍ୟ ସାହାଯ୍ୟ କଲେ ଆମ ଘର ହସି ଉଠିବ ତା'ର ସ୍ନେହପୂର୍ଣ୍ଣ ଆଶୀର୍ବାଦରେ । ''ତୁମ ଘରର ଚଳଣିର ଉନ୍ନତି କେବଳ ମୋ' ଯୋଗୁଁ ହିଁ ସମ୍ଭବ ହୋଇ ପାରିଛି ।'' କହିଲେ ଇପ୍‌ସିତା । ସେ ଦୃଷ୍ଟିରୁ ଘରେ ମଧ୍ୟ ମୋର ସ୍ୱତନ୍ତ୍ର ସମ୍ମାନ ରହିବା ଉଚିତ । ସ୍ୱଳ୍ପବେତନଭୋଗୀ ସ୍ୱାମୀ ଶୈବାଳଙ୍କର ସେଦିନ ଆଉ ଅଧିକ କିଛି ବୁଝାଇବାର ଅବକାଶ ନଥିଲା ଇପ୍‌ସିତାଙ୍କୁ ବରଂ ସେ ସମ୍ମାନର ସହିତ ନୀରବତା ଅବଲମ୍ବନ କରିବା ଉଚିତ ମଣିଲେ ।

ଦଶହରାର ଶାରଦୀୟ ମଧୁରିମା ଆମ ଓଡ଼ିଆ ପରିବାରରେ ପ୍ରତି ଛତ୍ରେ ଛତ୍ରେ ପ୍ରତିଫଳିତ ହୁଏ । ଶୈବାଳଙ୍କର ଇଛା ପ୍ରତିବର୍ଷ ପରି ଏବର୍ଷ ତାଙ୍କ ଗାଁରେ ଦଶହରା ପାଳନ କରିବେ । ଅନ୍ତତଃ ବିବାହର ପ୍ରଥମ ବର୍ଷ ପୂର୍ତ୍ତି ପୂର୍ବରୁ ଗାଁରେ ନୂଆବୋହୂକୁ ଦେଖାଇବାର ଇଛା କେଉଁ ଶାଶୁଙ୍କର ନ ହୁଏ । ଯେତେବେଳେ ଇପ୍‌ସିତାଙ୍କ ଆଗରେ କଥା ବାଢ଼ି ବସନ୍ତି ଶୈବାଳ, ସେ ରୋକ୍‌ଠୋକ୍ ଶୁଣାଇ ଦେଲେ, ''ତୁମେ ଗାଁକୁ ତୁମ ବୋଉଙ୍କୁ ଧରି ଯାଇପାର । ତୁମ ଗାଁ ପରି ଏକ ପଲ୍ଲୀ ଗାଁରେ ମୁଁ ଚଳିବାର ମାନସିକତା କରି ନ ପାରେ ଏବଂ ଅଭ୍ୟସ୍ତ ମଧ୍ୟ ନୁହେଁ ।'' ଶୈବାଳ ଠିକ୍ କରିନେଲେ, କୁଆଁର ପୂନେଇ ଜହ୍ନର ଜ୍ୟୋତ୍ସ୍ନାସ୍ନାତ ରଜନୀର ଆଲୋକ ବୋଧେ ସେ ଅନୁଭବ କରି ପାରିବେ ନାହିଁ । ସେ ଅନୁଭବ କରି ପାରୁଥିଲେ ଯେପରି କାଳିମାମୟ ଅମାବାସ୍ୟାର ମୁହଁ ଅନ୍ଧାର ଭିତରେ ସେ ବସି ଯାଇଛନ୍ତି ଭାବନାରେ ନିମଗ୍ନ ହୋଇ ।

ଶୈବାଳଙ୍କ ଦୃଷ୍ଟିରେ ''ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'', ବୋଉକୁ ଜୀବନ ଦେଇ ଭଲ ପାଆନ୍ତି ସେ । ତା'ର ଭଲମନ୍ଦ ବୁଝିବାର ନୈତିକ ଅଧିକାରକୁ ଜଳାଞ୍ଜଳି ଦେବାରେ ସେ କେବେ ବି ଚେଷ୍ଟିତ ହୋଇ ନ ପାରନ୍ତି । ମା' ଯେ ସର୍ବଂସହା । ସେ ଘର ଭିତରେ ରହି ରହି ପୁଅର ମାନସିକ ଯନ୍ତ୍ରଣା ସହିତ ଅଭ୍ୟସ୍ତ ହୋଇ ପଡ଼ିଲେଣି ଏବଂ ଘରର ସମସ୍ତ କାର୍ଯ୍ୟ କରିବାକୁ ଯେପରି ତା'ର ସୃଷ୍ଟି ବିଶ୍ୱ ନିୟନ୍ତା କରିଛନ୍ତି, ନିର୍ଦ୍ୱନ୍ଦ୍ୱରେ ଏବଂ ନିର୍ବିଚାରରେ । ବୋହୂ କଲେଜ ଯିବା ପୂର୍ବରୁ ବୋଉ କହି ବସନ୍ତି ''ମା' ! ତୋ କାମ ସାରି ଗଣ୍ଡେ ଖାଇ ତୁ ଗଲେ, ମୁଁ ଅନ୍ୟ କାମ କରିବି ।'' ଇପ୍‌ସିତା ଚଟାପଟ୍ ଖାଇ ହାତଧୋଇ ଚାଲିଯାଆନ୍ତି । ତାଙ୍କର ନାରୀସୁଲଭ ମନ ଦିନେ ବି ଅନୁଶୋଚନା କରେନା ନିଜର ନୈତିକ ସ୍ଖଳନ ପାଇଁ ।

ଇପ୍‌ସିତାଙ୍କର ଯଦିଓ ସୁଗୃହିଣୀ ହେବାର ମାନସିକତା ନ ଥିଲା କି ନାହିଁ, ଅଧ୍ୟାପନା କାର୍ଯ୍ୟରେ ମଧ୍ୟ ସେପରି ସୁନାମ ନ ଥିଲା । କାହିଁକି କେଜାଣି ସେ

ଅନ୍ୟମନସ୍କ ଭାବରେ ନିଜକୁ ନିଜେ ପ୍ରଶ୍ନ କରି ଉଠନ୍ତି, " ସ୍ତ୍ରୀ ଯେ ଶାନ୍ତି, ମୁକ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେବା ବିଧେୟ, ତାଙ୍କର ଏତେ ବିଚ୍ୟୁତି କାହିଁକି ? ତା'ପରେ ତାଙ୍କର ମନରେ ଆସେ ଅହେତୁକ ଅନୁତାପର ସ୍ପନ୍ଦନ ।

ସେଦିନ ସଂଧ୍ୟା ଆଗତ ପ୍ରାୟ । କୁମାର ପୂର୍ଣ୍ଣିମାର ପୂର୍ବଦିନ ସଂଧ୍ୟା । ଇପ୍ସିତା ଆସି ହଠାତ୍ ଶୈବାଳଙ୍କର ହାତଧରି କାନ୍ଦି ବସିଲେ ଏବଂ ସେ କୋହ ପ୍ରଶମିତ ହେବାର ନଥିଲା । ଅବାକ୍ ଶୈବାଳ କେବେ ଆଶା କରି ନଥିଲେ ଯେ କୌଣସି କାରଣରୁ ଇପ୍ସିତାଙ୍କର ଏପରି ବ୍ୟତିକ୍ରମ ହୋଇ ଯାଇପାରେ । ଇପ୍ସିତା କହିଲେ ଶୈବାଳ, ଅନେକ ଦିନ ଧରି ତୁମକୁ, ଆମ ସଂସାରକୁ ଅବହେଳା କରି ମୁଁ ଯେ ମୋ' ଜୀବନରେ କିଛି ପାଇ ପାରିଲିନି । ନା ଏକ ସୁଗୃହିଣୀର ମର୍ଯ୍ୟାଦା, ନା ଏକ ସୁଅଧ୍ୟାପିକାର ସୁନାମ । ମୋର ଅନୁଶୋଚନାର ସମୟ ଆସିଛି ଶୈବାଳ, ତୁମେ ମୋତେ କ୍ଷମାକର ଶୈବାଳ ! ମୋତେ କ୍ଷମା କର ।

ଶୈବାଳ ଇପିଙ୍କର ନରମ ଦେହଟାକୁ ନିଜ ଆଡ଼କୁ ଟାଣିଆଣି ଆଲିଙ୍ଗନ କରି କହିଲେ ଇପି ! ତୁମର ପରିବର୍ତ୍ତନରେ ମୋର କୌଣସି ବ୍ୟତିକ୍ରମ ତୁମେ ଦେଖିଛ କି ? ସମୟ ସବୁଠାରୁ ବଳି ବଳବାନ । ଆମର ଆଜି ବିବାହ ବାର୍ଷିକୀର ରାତ୍ରି । ଚାଲ ଟିକିଏ ବୁଲି ଆସିବା ।

ଦୁହେଁ ଅନେକ ସମୟ ଯାଏଁ ଇନ୍ଦିରା ପାର୍କର ଏକ ପରିତ୍ୟକ୍ତ ବେଞ୍ଚରେ ବସି ସାନ୍ନିଧ୍ୟର ହୁଏତ ପ୍ରଥମ ସ୍ପର୍ଶ ମାନସିକ ଭାବେ ପାଇବାର ଚେଷ୍ଟା କରୁଥିଲେ । କୁଆଁର ପୂନେଇ ଜହ୍ନଟା ଉପରେ ଚାହିଁ ରହିଥିଲା ଶୈବାଳ ଓ ଇପ୍ସିତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତମାନଙ୍କର ପ୍ରତୀକ୍ଷାରେ ।

ଭାବନାର ଅନନ୍ତ ସାଗରରେ ବୁଡ଼ି ଶୈବାଳ ଦେଖୁଥିଲେ ଭାବନା ରାଜ୍ୟରେ ବିଚରଣ ଏବଂ ବାସ୍ତବତାର ପରିବେଶ ମଧ୍ୟରେ ଅନେକ ଅନ୍ତର । ତାଙ୍କର ଅନନ୍ତ ସାଗର ବକ୍ଷରେ ସନ୍ତରଣ ରତ ଟାଇଟାନିକ୍ ଦୁର୍ଘଟଣା ଯୋଗୁଁ ଅବକ୍ଷୟ ଆଡ଼କୁ ମୁହାଁଇଛି ଏବଂ ସେ ନିଜେ ଏହାର କ୍ୟାପଟେନ୍ ଭାବରେ ଏକ ନୀରବ ଦ୍ରଷ୍ଟା । ସାମାନ୍ୟ ଧୈର୍ଯ୍ୟର କାଠ ଖଣ୍ଡର ସାହାରା ଗୋଟାଏ ତାଣ୍ଡବମୟ ଝଡ଼ରୁ ତାଙ୍କୁ ପ୍ରଶାନ୍ତ ସମୁଦ୍ରରେ ବଞ୍ଚିବାର ଚରମ ପାଥେୟର ସନ୍ଧାନ ଦେଉଥିଲା ଯେପରି ।

